## କେନ୍ଦୁଝର : ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ :

## ଦୁର୍ନୀତି ନିବାରଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚ୍ଚୋଟ ଓ ଦୃଢମନା ହେବା ଆବଶ୍ୟକ

କେନ୍ଦୁଝର, ତା ୦୪.୧୧. ଦୁର୍ନୀତି ନିବାରଣ ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚ୍ଚୋଟ ଓ ଦୃଢମନା ହେବା ଏକାନ୍ତ ଆବଶ୍ୟକ । ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଚଳିତ ନଭେମ୍ବର ମାସ ୦୪ ତାରିଖ ଶନିବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । ଦୁର୍ନୀତି ନିବାରଣ ପାଇଁ ତୃଣମୂଳସ୍ତରରୁ ଉଚ୍ଚସ୍ତର ପର୍ଯ୍ୟନ୍ତ ବ୍ୟାପକ ଜନସଚେତନତା, ସତର୍କତା ଓ ନୈତିକତା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବରେଣ୍ୟ ଅତିଥି ଭାବେ ଏସ୍.ପି. ନୀତିନ କୁଶଲକର, ଡି.ଏଫ୍.ଓ ଧନରାଜ ଏଚ୍.ଡି., ଏସ୍.ପି. ଭିଜିଲାନ୍ସ ବାଲେଶ୍ୱର ଡିଭିଜନ ନରହରି ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଡି.ଏସ୍.ପି. ଭିଜିଲାନ୍ସ ସୁଧାଂଶୁ ଶେଖର ପୂଜାରୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଠାକରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଯିଏ ଯେଉଁ ସ୍ତରରେ କାର୍ଯ୍ୟ / ସେବା କରୁଥିଲେ ବି, ନିତି ଓ ନୈତିକତାକୁ ଆଧାର କରି ସଠିକ୍ ଭାବେ କାର୍ଯ୍ୟ କଲେ ଦୁର୍ନୀତି ନିବାରଣ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଜନସାଧାରଣଙ୍କ ହିତ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି, ଏହା ଦ୍ୱାରା କିପରି ଜନସାଧାରଣ ସୁଫଳ ପାଇପାରିବେ, ତାହା ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ । କୌଣସି କ୍ଷେତ୍ରରେ ଦୁର୍ନୀତି, ବାଟମାରଣା ଦୃଷ୍ଟିକୁ ଆସିଲେ, ସଙ୍ଗେ ସଙ୍ଗେ ଜିଲ୍ଲା କାର୍ଯ୍ୟାଳୟକୁ ଜଣାଇଲେ କିମ୍ବା ଭିଜିଲାନ୍ସ କାର୍ଯ୍ୟାଳୟକୁ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ଓଡିଶାରେ ସୁଶାସନ ପାଇଁ ମୋ ସରକାର ଓ ୫-ଟି ଇତ୍ୟାଦି କାର୍ଯ୍ୟକ୍ରମ ତଥା ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଶୂନ୍ୟ ସହନଶୀଳତା ଦୁର୍ନୀତି ନିବାରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି । ଏତଦ୍ ବ୍ୟତୀତ ଦୁର୍ନୀତି ନିବାରଣ କ୍ଷେତ୍ରରେ ଓଡିଶା ଭିଜିଲାନ୍ସ ପ୍ରଶଂସନୀୟ କାର୍ଯ୍ୟ କରି ଦେଶରେ ଉଦାହରଣ ସୃଷ୍ଟି କରିପାରିଛି ବୋଲି କହିଥିଲେ । ଏସ୍.ପି. ନୀତିନ କୁଶଲକର ନିଜ ଭାଷଣରେ ସମାଜର ସବୁ ବର୍ଗର ଜନସାଧାରଣ ସଚେତନ, ସ୍ୱାଭିମାନୀ, ସଚ୍ଚୋଟ ହେଲେ ଦୁର୍ନୀତିର ମୂଳତ୍ପାଟନ ହୋଇପାରିବ ବୋଲି କହିଥିଲେ । ଦୁର୍ନୀତି ନିବାରଣ ଦିଗରେ ଭିଜିଲାନ୍ସ ବିଭାଗର କାର୍ଯ୍ୟାବଳୀର ଅବତାରଣା କରି ପ୍ରଶଂସା କରିବା ସହିତ ପୋଲିସ୍ ବିଭାଗ ତରଫରୁ ମଧ୍ୟ କିପରି ଦୁର୍ନୀତି ବିରୁଦ୍ଧରେ ମାମଲା ଦାୟର କରାଯାଉଛି ସେ ସଂପର୍କରେ ଉଲ୍ଲେଖ କରିଥିଲେ । ଲାଂଚ ନେବା ଯେପରି ଅପରାଧ, ଲାଂଚ ଦେବା ମଧ୍ୟ ସେପରି ଅପରାଧ ଅଟେ । ଏଣୁ କୌଣସି କ୍ଷେତ୍ରରେ ଦୁର୍ନୀତି ହେଉଥିବା ଜାଣିଲେ, ତୁରନ୍ତ ପୋଲିସ ତଥା ଭିଜିଲାନ୍ସ କାର୍ଯ୍ୟାଳୟକୁ ସୂଚନା ଦେଲେ, କାର୍ଯ୍ୟାନୁଷ୍ଠାନ ସହଜ ହେବ ବୋଲି କହିଥିଲେ । ଡି.ଏଫ୍.ଓ ଧନରାଜ ଏଚ୍.ଡି. ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ଭାବେ ଅବତାରଣା କରି ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ସାଧୁତା ଓ ସଚ୍ଚୋଟତା ବଜାୟ ରଖି ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ସାଂପ୍ରତିକ ପରିସ୍ଥିତିରେ ଦୁର୍ନୀତିର ସଂଜ୍ଞା ଓ ସ୍ୱରୂପ ନିରୂପଣ କରି କେବଳ ଆର୍ଥିକ ଅନିୟମିତତା ଦୁର୍ନୀତି ନୁହେଁ, କର୍ତ୍ତବ୍ୟରେ ଅବହେଳା, ଅହେତୁକ ଅନୁକମ୍ପା ମଧ୍ୟ ଦୁର୍ନୀତିର ପରିସରଭୁକ୍ତ ଅଟେ । ଯାହାକି ସମାଜ ଓ ଦେଶ ପାଇଁ କ୍ଷତିକାରକ ଏଣୁ ସମସ୍ତେ ନିଜର ଆଚାର, ବିଚାର, ଆଚରଣ ଓ ଉଚ୍ଚାରଣରେ ସ୍ୱଚ୍ଛତା, ସାଧୁତା ଓ ନୈତିକତା ଅବଲମ୍ବନ କଲେ ଦୁର୍ନୀତିମୁକ୍ତ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ । ଏସ୍.ପି. ଭିଜିଲାନ୍ସ ବାଲେଶ୍ୱର

ଡିଭିଜନ ନରହରି ନାଏକ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦୃଢ ମାନସିକତା, ଇଚ୍ଛାଶକ୍ତି ଓ ଆନ୍ତରିକତା ହେଉଛି ଦୁର୍ନୀତି ବିରୁଦ୍ଧ ଲଢେଇରେ ମୁଖ୍ୟ ଅସ୍ତ୍ର । ସରକାରଙ୍କ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଚାଲିଛି । ଏହାର ସଫଳ ରୂପାୟନ କ୍ଷେତ୍ରରେ ଦୁର୍ନୀତି ପ୍ରତିବନ୍ଧକ ସାଜେ । ଏଣୁ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନରେ ଯଦି ଦୁର୍ନୀତିର ଗନ୍ଧ ବାରିହୁଏ, ତେବେ ଜନସାଧାରଣ ଦୁର୍ନୀତି ନିବାରଣ ବିଭାଗ / କାର୍ଯ୍ୟାଳୟ/ହେଲପ୍ ଲାଇନ୍‌କୁ ଖବର ଦେବାକୁ ଅନୁରୋଧ କରିଥିଲେ । ଦୁର୍ନୀତି ନିବାରଣ ପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଦୁର୍ନୀତି ନିବାରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଓ ବିଭାଗର ପାରଙ୍ଗମତା ପାଇଁ ଓଡିଶା ସର୍ବଭାରତୀୟସ୍ତରରେ ପ୍ରଶଂସନୀୟ ହୋଇପାରିଛି ବୋଲି କହିଥିଲେ । ସରକାରୀ ଅଧିକାରୀ / କର୍ମଚାରୀମାନେ ସତ୍ୟନିଷ୍ଠ ଭାବେ ସରକାରୀ କାର୍ଯ୍ୟନିର୍ବାହ କରିବାକୁ ନିବେଦନ କରିଥିଲେ ଏବଂ ରାଜ୍ୟ ଭିଜିଲାନ୍ସ ବିଭାଗର ସଫଳତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ସମାଜ ପ୍ରତି କର୍ତବ୍ୟବୋଧ, ଉତରଦାୟିତ୍ୱ ହୃଦୟଙ୍ଗମ କରି କାର୍ଯ୍ୟକଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି କହିଥିଲେ । ଡି.ଏସ୍.ପି. ଭିଜିଲାନ୍ସ ସୁଧାଂଶୁ ଶେଖର ପୂଜାରୀ ବକ୍ତବ୍ୟ ପ୍ରଦାନ କରି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପତା କରିଥିଲେ । ଭିଜିଲାନ୍ସ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । ବିଭିନ୍ନ ସ୍ତରରେ ହେଉଥିବା ଦୁର୍ନୀତି ନିବାରଣ ପାଇଁ ଭିଜିଲାନ୍ସ ବିଭାଗ ତରଫରୁ ନିଆଯାଉଥିବା ପଦକ୍ଷେପ ଓ ଦଣ୍ଡବିଧାନ ପ୍ରକ୍ରିୟା ସଂପର୍କରେ ଅବଗତ କରାଇଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହ ସମାରୋହର ସଂଚାଳନା କରିଥିଲେ । ଏହି ସମାରୋହରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହୋଇଥିବା ଓଡିଆ ଓ ଇଂରାଜୀ ବକ୍ତୃତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଇନିସ୍‌ପେକ୍ଟର ଭିଜିଲାନ୍ସ ହେମାମାଳିନୀ ନାୟକ ଓ ଭିଜିଲାନ୍ସ କାର୍ଯ୍ୟାଳୟର କର୍ମଚାରୀ ସର୍ବେଶ୍ୱର ସାହୁ, ଧୃବିନ୍ଦ୍ର ପାତ୍ର, ମଳୟ କୁମାର ବାରିକ, ଉପେନ୍ଦ୍ର ମହାନ୍ତ, ରାଜଶ୍ରୀ ଷଡଙ୍ଗୀ, ଉମାକାନ୍ତ ମଲ୍ଲିକ, ହରେକୃଷ୍ଣ ପାତ୍ର ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ସମାରୋହ ଆୟୋଜନ ଓ ପରିଚାଳନରେ ସକ୍ରିୟ ସହଯୋଗ କରିଥିଲେ । ଶନିବାର ସକାଳେ ଏକ ବିଶାଳ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା । ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏବଂ ଡି.ଏସ୍.ପି. ଭିଜିଲାନ୍ସ ସୁଧାଂଶୁ ଶେଖର ପୂଜାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ଛାତ୍ରଛାତ୍ରୀ, ମିଶନ ଶକ୍ତିର ସଦସ୍ୟ/ସଦସ୍ୟା, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ / କର୍ମଚାରୀ ଓ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ୍ ହୋଇ ସହର ପରିକ୍ରମା ସହିତ ଦୁର୍ନୀତି ନିବାରଣ ସଚେତନତା ବାର୍ତା ପ୍ରଚାର କରିଥିଲେ ।

ସୂଚନାଯୋଗ୍ୟ ଯେ ଭିଜିଲାନ୍ସ ବିଭାଗ ଆନୁକୂଲ୍ୟରେ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ପଦଯାତ୍ରା ଓ ଗ୍ରାମ ସଭା ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ସଂଜୀବ 5/11/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର